# ମୋର ପିଲାଦିନର ଗାନ୍ଧୀ

ଶ୍ରୀ ମୁରାରୀ ପ୍ରସାଦ ମିଶ୍ର

ପିତାମହ ଶ୍ରୀ ବଳରାମ ମିଶ୍ର ଗାଙ୍ଗପୁର ରାଜ୍ୟର ଏସିଷ୍ଟାଣ୍ଟ ଦେଓ୍ୱାନ ପଦରୁ ଅବସର ଗ୍ରହଣ କଲେ ୧୯୩୬ରେ । ଆମେ ସମସ୍ତେ ଚାଲି ଆସିଲୁଁ ସମ୍ବଲପୁର । ବୟସ ମୋର ସେତେବେଳେ ସାତ ଆଠ ବର୍ଷ ହେବ । ମହାତ୍ମା ଗାନ୍ଧୀଙ୍କ ନାମ ଓ ତାଙ୍କ ବିଷୟରେ କିଛିଟା ଶୁଣିଥିଲି ଫଟୋ ଦେଖିଥିଲି କି ନାହିଁ ମନେ ପଡୁ ନାହିଁ ।

କିଛି ଦିନ ପରେ ଅଜାଙ୍କ ସଂଗେ ସାକ୍ଷାତ କରିବାକୁ ଆସିଲେ ଫୁଙ୍ଗୁଳା ଦେହ ଓ ଖାଲି ପାଦରେ ଜଣେ ପତ୍ରଛତା, ଝୁଲି ମୁଣିଧାରୀ ବ୍ୟକ୍ତି । ମୁଣ୍ଡରେ ଖୁଣ୍ଟି ଖୁଣ୍ଟି ବାଳ,କାନ୍ଧରେ ପଇତା,ଖଣ୍ଡିଏ ଛୋଟିଆ ଚାଦର ଦେହରେ । (ମୋର ଯେତେଦୂର ମନେ ପଡୁଛି ସେତେବେଳେ ଆଖିରେ ହଳେ ଚଷମା ଲଗାଇଥାନ୍ତି । ପରେ ଅବଶ୍ୟ ତାଙ୍କ ଆଖିରେ ଚଷମା ଦେଖିବାକୁ ପାଇନାହିଁ ବୋଲି ମୋର ସ୍ମରଣ ଶକ୍ତି ପ୍ରତି ସନ୍ଦେହ ହେଉଛି ।) କେତେବେଳେ କେମିତି ଦୁଇଟି ଆଙ୍ଗୁଳିରେ ନାଶ ଟିପେ ଟିପେ ଶୁଙ୍ଘୁଥାନ୍ତି । ମୋତେ ଜଣେ ବିଚିତ୍ର ମଣିଷ ପରି ଲାଗିଲେ । ଅଜାଙ୍କୁ ସମ୍ମାନ ଦେଖାଇଲେ-ଏକ ସଙ୍ଗରେ ବସି ଅନେକ ସମୟ କଥାବାର୍ତ୍ତା ହେଲେ । ସେ କଥାବାର୍ତ୍ତାର ମର୍ମ ପ୍ରତି ମୋର ସେତେବେଳେ ପ୍ରାୟ କୌଣସି ଆଗ୍ରହ ନଥାଏ-କିନ୍ତୁ ଆଗ୍ରହ ଥାଏ ତାଙ୍କର ବେଶଭୂଷା ଓ ହସି ହସି କଥାକହିବା ଢଙ୍ଗ ପ୍ରତି ।

ସେ ଚାଲିଗଲେ । ପରେ ମୁଁ ଅଜାଙ୍କୁ ପଚାରିଲି "ବାପା,ଇଏ କିଏ କି ?"(ଅଜାଙ୍କୁ ଆମେ 'ବାପା' କହୁଥିଲୁ ସେ ନିଜେ ଯେମିତି ଗୁଣୀଥିଲେ ସେମିତି ଗୁଣଗ୍ରାହୀ ମଧ ଥିଲେ) । ବାପା ମତେ ଓଲଟି ପଚାରିଲେ "ତୁ କହୁନୁ ଦେଖିବା" । ମୁଁ ଭାବିଲି ମୋର ଅନୁମାନ ଠିକ୍ - ସଙ୍ଗେ ସଙ୍ଗେ କହି ପକାଇଲି "ମହାତ୍ମାଗାନ୍ଧୀ" । 'ବାପା' କହିଲେ "ବାଃ,ଠିକ୍ କହିଲୁ" । ମୁଁ ସେଇ ଧାରଣାରେ ଅନେକ ଦିନ ରହିଗଲି ଏବଂ ଯେବେ ସେ ଘରକୁ ଆସନ୍ତି,ବା ବାଟେ ଘାଟେ ଦେଖାହୁଏ , ମୁଁ ପ୍ରଣାମ କରେଁ ।

୧୯୩୭ରେ ନନ୍ଦପଡାର ଚିତ୍ରୋତ୍ପଳା ନାଟ୍ୟସଂଘ ଆନୁକୂଲ୍ୟରେ 'କର୍ଣ୍ଣାର୍ଜୁନ' ନାଟକ ଅଭିନୟ ସାଫଲ୍ୟ ମଣ୍ଡିତ ହୋଇ କ୍ରମାଗତ ଚାରିଦିନ ପରିବେଷିତ ହୋଇଥିଲା । (ଗଣ୍ଡତୁରୁମ୍ ଗ୍ରାମର ବିଶିଷ୍ଟ ନାଟକ ପ୍ରେମୀ ସ୍ୱର୍ଗତଃ ଡୋଳାମଣି ଗୌନ୍ତିଆ ଶେଷ ପର୍ଯ୍ୟନ୍ତ କହୁଥିଲେ "ସମ୍ବଲପୁରରେ" ଏ ଯାବତ ଯେତେ ନାଟକ ଅଭିନୀତ ହୋଇଛି,ନନ୍ଦପଡାର "କର୍ଣ୍ଣାର୍ଜୁନ"ର ତଳେ । ମୋର ପିତା ସ୍ୱର୍ଗତଃ ଶ୍ରୀ ନୀଳମଣି ମିଶ୍ର ସେଥିରେ ନିର୍ଦ୍ଦେଶନା ଦେଇଥିଲେ ଓ ନିଜେ ଶକୁନି ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । କାକା ସ୍ୱର୍ଗତଃ ଶ୍ରୀ ଜଗନ୍ନାଥ ମିଶ୍ର ଅଭିନୟ କରିଥିଲେ କର୍ଣ୍ଣ ଭୂମିକାରେ । ଅତି ଉତ୍ସାହର ସହିତ ପ୍ରାୟ ଦୁଇମାସ କାଳ ଅଭ୍ୟାସ କରି ପଡାର ପ୍ରାୟ ପଚାଶ ଜଣ କଳାକାର ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ସେହି ନାଟକରେ ମୋର ଜୀବନର ପ୍ରଥମ-ଅଭିନୟ -ଶିଶୁକଳାକାର ଭାବେ ବୃଷକେତୁ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲି ।

ମୋର "ମହାତ୍ମାଗାନ୍ଧୀ" ନାଟକ ଦେଖିବାକୁ ଆସିଥିଲେ । ଶ୍ରୀକୃଷ୍ଣ (ଭୂମିକାରେ ସ୍ୱର୍ଗତଃ ଶ୍ରୀ ଅନନ୍ତରାମ ଗୁରୁ ବୃଦ୍ଧ ବ୍ରାହ୍ମଣ ବେଶରେ ଦାନୀ କର୍ଣ୍ଣଙ୍କର ଦାତା ପଣିଆର ପରୀକ୍ଷା କରିବାକୁ ଆସି ଅଷ୍ଟମ ବର୍ଷୀୟ ରାଜବଂଶଧର ଶିଶୁର ମାଂସାହାର ଭିକ୍ଷା କରିଥିଲେ । ସର୍ତ୍ତଥିଲା ଯେ ପିତା କର୍ଣ୍ଣ ଏବଂ ମାତା ପଦ୍ମା ଉଭୟେ ଏକ ଅସ୍ତ୍ର ସାହାଯ୍ୟରେ ପୁତ୍ର ବୃଷକେତୁର ଶିର ଛେଦନ କରିବେ -ମାତା ତାର ମାଂସ ରନ୍ଧନ କରି ବ୍ୟଞ୍ଜନ ପରଶିବେ ଏବଂ ଭୋଜନ ବେଳେ ପିତା ବ୍ୟଜନ କରୁଥିବେ । ଏ ସମସ୍ତ ପ୍ରକ୍ରିୟା ଭିତରେ ପିତା ବା ମାତାର ନୟନରେ ଯଦି ବିନ୍ଦୁଏ ମାତ୍ର ଅଶ୍ରୁ ଝରେ ତେବେ ବୃଦ୍ଧ ବ୍ରାହ୍ମଣ ଭୋଜନ ନକରି ଚାଲିଯିବେ । ଏ ସର୍ତ୍ତ ଶୁଣି ଅଙ୍ଗରାଜଙ୍କ ମନ୍ତ୍ରୀ "ମହାରାଜ ! ଏ ନିଶ୍ଚୟ ବ୍ରାହ୍ମଣ ବେଶୀ ଜଣେ ରାକ୍ଷାସ " ବୋଲି ବାରଣ କରିବାରୁ କର୍ଣ୍ଣ ତାଙ୍କୁ ସେଠାରୁ ଅନ୍ତର କରି ଦେଇଥିଲେ । ମାତା ପଦ୍ମା ଭୂମିକାରେ (ସେତେବେଳେ ତ ସମ୍ବଲପୁର ରଙ୍ଗ ମଞ୍ଚକୁ ନାରୀ ଅଭିନେତ୍ରୀ ଆସି ନଥିଲେ -) ସ୍ୱର୍ଗତଃ ନିମେଇଁଚରଣ ମିଶ୍ର,ତଥା କର୍ଣ୍ଣ ଭୂମିକାରେ କାକାଙ୍କ ଅଭିନୟ ହୃଦୟସ୍ପର୍ଶୀ ହେବା ସଙ୍ଗେ ସଙ୍ଗେ ବୃଷକେତୁ ଭୂମିକାରେ ମୋର ଅଭିନୟ ଏବଂ ନିଧନ ପୂର୍ବରୁ ମୋର ସେ କାଳର ସୁନ୍ଦର ଗଳାରେ ଏକ ଭଜନ ("ନବ ଜଳଧର ପିତାମ୍ବର ଶ୍ୟାମ ବିପିନଚାରୀ") ଗାୟନ ଦର୍ଶକ ମହଲରେ ଏତେଦୂର ପ୍ରାଣସ୍ପର୍ଶୀ ହୋଇଥିଲାଯେ ପ୍ରାୟ ସମସ୍ତେ କାନ୍ଦି ପକାଇଥିଲେ । ଶ୍ରୀ କୃଷ୍ଣ ନିଜ ବେଶରେ ଉଭାହୋଇ ବୃଷକେତୁର ଜୀବଦାନ ଦେଇ ପରୀକ୍ଷାରେ କର୍ଣ୍ଣ ଉତ୍ତୀର୍ଣ୍ଣ ହୋଇଥିବାର ଘୋଷଣା ଦୃଶ୍ୟ ପରେ ଗ୍ରୀନ୍‌ରୁମ ଭିତରକୁ କେତେକ ଗଣ୍ୟମାନ୍ୟ ଦର୍ଶକ ପଶି ଆସିଥିଲେ-ତନ୍ମଧ୍ୟରେ ଥିଲେ ମୋର "ମହାତ୍ମାଗାନ୍ଧୀ"- କୁଣ୍ଢାଇ ପକାଇ ଥିଲେ ମୋତେ । ବାପା(ଶକୁନି ତଥା ନିର୍ଦ୍ଦେଶକ) ଙ୍କୁ ଜଣାଇ ଥିଲେ "ନାଟକ ତ ସର୍ବାଙ୍ଗ ସୁନ୍ଦର ହେଉଛି-କିନ୍ତୁ ଆପଣଙ୍କର ଏ ପିଲାଟିର ଅଭିନୟ ଓ ଗୀତ ସମସ୍ତଙ୍କୁ ସ୍ତବ୍ଧ କରିଦେଲା " । ଦର୍ଶକମଣ୍ଡଳୀ ମଧ୍ୟରୁ କେତେକ ଉତ୍ସାହଦାତାଙ୍କର ମୋର ନାମରେ ଦୁଇଟି ସ୍ୱର୍ଣ୍ଣ ପଦକ ଓ ତିନୋଟି ରୌପ୍ୟ ପଦକର ଘୋଷଣା ଅପେକ୍ଷା ନିଜେ "ମହାତ୍ମାଗାନ୍ଧୀ"ଙ୍କର ଏ ମନ୍ତବ୍ୟ ପଦକ ମୋତେ ସବୁଠାରୁ

ବେଶୀ ଉତ୍ସାହ ଦେଇଥିଲା ।

ବୟସ ଅନୁକ୍ରମେ ଏବଂ ଶିକ୍ଷାରେ ଅଗ୍ରସର ହୋଇ କ୍ରମେ ମୁଁ ବୁଝିପାରିଲିଯେ ଏ ବ୍ୟକ୍ତି ଜଣକ ନିଜେ "ମହାତ୍ମାଗାନ୍ଧୀ" ନୁହଁନ୍ତି-କିନ୍ତୁ ସମ୍ବଲପୁରରୁ "ମହାତ୍ମାଗାନ୍ଧୀ"ଙ୍କର ଜଣେ ବିଶିଷ୍ଟ ଅନୁଗାମୀ-ନାମ ଶ୍ରୀ ନୃସିଂହ ଗୁରୁ । ୧୯୨୧ ଖ୍ରୀଷ୍ଟାବ୍ଦରେ ସେ ;(ପଣ୍ଡିତ) ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ତତ୍କାଳୀନ ସମ୍ବଲପୁର ଜିଲ୍ଲାସ୍କୁଲର ଚାଳିଶଜଣ ଛାତ୍ର ମହାତ୍ମାଗାନ୍ଧୀଙ୍କର ଆହ୍ୱାନରେ ଜିଲ୍ଲାସ୍କୁଲ ଛାଡି ବୁଢାରଜା ପାହାଡର ପାଦଦେଶରେ ଏକ ଐତିହାସିକ ସଭାରେ ଦୃଢ ସଂକଳ୍ପ କରି ପରାଧୀନତାର ଶୃଙ୍ଖଳରୁ ଦେଶମାତୃକାକୁ ମୁକ୍ତ କରିବା ସକାଶେ ଅହିଂସ ଅସହଯୋଗ ଆନ୍ଦୋଳନରେ ଝାସ ଦେଇଥିଲେ । ସେହିଥିଲା ଓଡିଶାରୁ ଗାନ୍ଧିଜୀଙ୍କ ଆନ୍ଦୋଳନ ପ୍ରତି ସର୍ବପ୍ରଥମ ପ୍ରତିକ୍ରିୟା - ଯାହାକି କଲିକତାର "ଅମୃତବଜାର "ଆଦି ପତ୍ର ପତ୍ରିକାରେ ଭୂୟସୀ ପ୍ରଶଂସିତ ହୋଇଥିଲା । ସେହିଦିନ ଠାରୁ ସ୍କୁଲର ପୋଥିପତ୍ରରେ ଡୋରି ବନ୍ଧାହେଲା । ଗାନ୍ଧିଜୀ ପ୍ରତି ତଥା ତାଙ୍କର ଆଦର୍ଶ ପ୍ରତି ସେ ଏତେଦୂର ଅନୁରକ୍ତ ହେଲେଯେ ଶ୍ରୀଯୁକ୍ତ ଗୁରୁ ତାଙ୍କର ବେଶଭୂଷା ମଧ ଅନୁକରଣ କରି ସ୍ୱଦେଶୀ ଆନ୍ଦୋଳନରେ ଝାସ ଦେଇ ଆଜୀବନ ଏକ ତ୍ୟାଗ ବୀରର ପରକାଷ୍ଠା ଦେଖାଇଥିଲେ ।

ଥରେ ମୋର ପିତାଙ୍କର ଛାତ୍ରଜୀବନର କେତେକ ଫଟୋଗ୍ରାଫ ଦେଖୁଁ ଦେଖୁଁ ସେଥିରେ ଗାରଗାରିଆ ଜର୍ସିପିନ୍ଧା ସିଲଡ୍ ବିଜୟୀ ଜିଲ୍ଲାସ୍କୁଲ ଟିମ୍‌ର ଏକ ଫଟୋ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲି ଯେ ତା ଭିତରେ ପିତାଙ୍କ ପାଖରେ ଜର୍ସିପରିହିତ ଶ୍ରୀଯୁକ୍ତ ନୃସିଂହ ଗୁରୁ ମଧ ଥିଲେ । ସୁନ୍ଦରଗଡର ଆଦର୍ଶ ଶିକ୍ଷକ ୰ଦାମୋଦର ହୋତା ,ଝାଡୁଆପଡାର ୰ବେନିମାଧବ ସୂପକାର ଆଦି ଆଉ କେତେଜଣଙ୍କୁ ମଧ ଖେଳୁଆଡ ରୂପେ ସେଠାରେ ଦେଖିବାକୁ ପାଇଥିଲି । ଶ୍ରୀଯୁକ୍ତ ଗୁରୁ ଛାତ୍ର ଜୀବନରେ ଯେ ଜଣେ ଉତ୍କୃଷ୍ଟ ଫୁଟବଲ ଖେଳାଳୀ ମଧ ଥିଲେ-ଏକଥା ଅନେକେ ବିଶ୍ୱାସ ସୁଦ୍ଧା କରିପାରିବେ ନାହିଁ । ନାଟକରେ ତାଙ୍କର ଆଗ୍ରହ ବିଷୟରେ ତ ଆଗରୁ ସୂଚନା ଦେଇଛି ।

ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱର ଯାଦୁକାରୀ ପ୍ରଭାବ ଏଇ ସଂକଳ୍ପବଦ୍ଧ ଦେଶପ୍ରେମୀମାନଙ୍କୁ ଏକନିଷ୍ଠ କରି ଗଢି ତୋଳିଥିଲା । ଏମାନଙ୍କର ସରଳ ଜୀବନଯାପନ ପ୍ରଣାଳୀ,ଅମାୟିକ ବ୍ୟବହାର,ନିଃସ୍ୱାର୍ଥ ଜନସେବା ତଥା ଓଜସ୍ୱିନୀ ଭାଷଣ ଫଳରେ ସ୍ୱରାଜ ଆନ୍ଦୋଳନ ପରିଶେଷରେ ସାଫଲ୍ୟ ମଣ୍ଡିତ ହେଲା । ମୁକ୍ତିସୌଧର ଭାସ୍କର ଶିଳ୍ପୀ ଜାତିର ଜନକ ମହାମାନବ ମହାତ୍ମାଗାନ୍ଧୀଙ୍କର ନେତୃତ୍ୱରେ ପରିଚାଳିତ ଶ୍ରୀଯୁକ୍ତ ନୃସିଂହ ଗୁରୁଙ୍କ ସଦୃଶ ହଜାର ହଜାର ଦେଶପ୍ରେମୀ ତ୍ୟାଗବୀର ସୈନିକଙ୍କ ସ୍ୱପ୍ନ ସଫଳ ହେଲା ।

କିନ୍ତୁ ସେ ତ୍ୟାଗର ବିନିମୟରେ ସ୍ୱାଧୀନୋତ୍ତର ଭାରତରେ ବହୁ ବ୍ୟକ୍ତି କ୍ଷମତାରାଜନୀତିରେ କିମ୍ବା ଅନ୍ୟାନ୍ୟ ଉପାୟରେ ନାନାପ୍ରକାର ସ୍ୱାର୍ଥ ସାଧନ କରିଥିଲେ ମଧ ଶ୍ରୀଯୁକ୍ତ ଗୁରୁ ଓ ତାଙ୍କ ସଦୃଶ ଅନେକ ସ୍ୱଦେଶବତ୍ସଳ ବ୍ୟକ୍ତି ନିଜ ତ୍ୟାଗର ବିନିମୟରେ କେବେହେଲେ କୌଣସି କ୍ଷମତାପ୍ରାପ୍ତି ସକାଶେ ବା ଅନ୍ୟ ଉପାୟରେ ଦେଶବାସୀଙ୍କ ଠାରୁ କୌଣସି ପ୍ରତିଦାନର ଯାଚଞ୍ଚା କରିନଥିଲେ । ବରଂ ଏକ ନିରାଡମ୍ବର ଅଥଚ କର୍ତ୍ତବ୍ୟନିଷ୍ଠ ସାମ୍ବାଦିକ ଭାବରେ ନିଜକୁ ନିୟୋଜିତ କରି ତାକୁ ହିଁ ଦେଶସେବାର ପରବର୍ତ୍ତୀ ସୋପାନ ରୂପେ ଗ୍ରହଣ କରିଥିଲେ ଯାହାକି କାହାରିକୁ ଅବିଦିତ ନୁହେଁ । ସାମ୍ବାଦିକ ଜୀବନରେ ମଧ ତାଙ୍କ କଲମ ଯେତିକି ଦରକାର ସେତିକି କହିଛି - ସତ୍ୟ କଥାଟି କହିଛି ଅଥଚ ସରଳ ଓ ରୁଚିପୂର୍ଣ୍ଣ ଭାବରେ କହିଛି । ପରବର୍ତ୍ତୀ ସମୟରେ କେତେକ ଆଧୁନିକ ସାମ୍ବାଦିକ ବନ୍ଧୁ ତାଙ୍କୁ ଉପର ଠାଉରିଆ ଭାବରେ ସମ୍ମାନ ଦେଇ ଭିତରେ ଭିତରେ ତାଚ୍ଛଲ୍ୟ ମନୋଭାବ ପୋଷଣ କରୁଥିବା ବିଷୟ ସେ ହୃଦୟଙ୍ଗମ କରିଥିଲେ ବି ସେଥିପାଇଁ ଆଦୌ କ୍ଷୁବ୍ଧ ବା ବିଚଳିତ ହୋଇନଥିଲେ । ଶେଷ ପର୍ଯ୍ୟନ୍ତ ଗାନ୍ଧୀଜୀଙ୍କ ଅହିଂସା ଚିନ୍ତାଧାରାର ସେ ଜଣେ ବାସ୍ତବ ସାଧକ ଥିଲେ ।

ଜୀବନରେ ମହାତ୍ମାଗାନ୍ଧୀଙ୍କୁ ବି ଦେଖିବାର ସୁଯୋଗ ପାଇଲି । କିନ୍ତୁ "ମୋର ପିଲାଦିନର ଗାନ୍ଧୀ" ସବୁଦିନେ ମୋ ପାଇଁ ସେଇ ପିଲାଦିନର ଗାନ୍ଧୀ ହୋଇ ରହିଗଲେ-ଯାହାଙ୍କ ସ୍ମରଣରେ ଆଜି ବି ମସ୍ତକ ସ୍ୱତଃ ଅବନତ ହୋଇଯାଏ ।

ପୂର୍ବତନ ମନ୍ତ୍ରୀ
ନନ୍ଦପଡା,ସମ୍ବଲପୁର